بسم الله الرحمن الرحيم

**ଖୁତ୍‌ବା ଜୁମା ୧୦ ଫେବୃଆରୀ ୨୦୨୩ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ୟୁ.କେ)**

# ପବିତ୍ର ମହାତ୍ମା ହ. ମସିହ୍ ମଉଦ୍ (ପ୍ରତିଶୃତ ମସିହ୍ ଅ.ସ)ଙ୍କ ବ୍ରହ୍ମଜ୍ଞାନ ସମ୍ପନ୍ନ ଉପଦେଶାବଳୀ ପ୍ରକାଶରେ ପବିତ୍ର କୁରଆନ କରୀମ୍‌ର ମାହାତ୍ମ୍ୟ, ମର୍ଯ୍ୟାଦା ଓ ଶ୍ରେଷ୍ଠତାର ବର୍ଣ୍ଣନା।

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଉଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜ଼ିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଦ୍ଵାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜ଼ୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ; ଗତ ଖୁତ୍‌ବାରେ ହ. ମସିହ୍ ମଉଦ୍ ଅ.ସଙ୍କ ବ୍ରହ୍ମଜ୍ଞାନ ସମ୍ପନ୍ନ ଉପଦେଶାବଳୀ ଆଲୋକରେ ପବିତ୍ର କୁରଆନ୍ କରୀମ୍‌ର ମାହାତ୍ମ୍ୟତା, କଲ୍ୟାଣ ତଥା ଗାରିମା ସଂପର୍କରେ ବର୍ଣ୍ଣନା କରୁଥିଲି । ସେହି କ୍ରମରେ ଆଜି ଅବଶିଷ୍ଟାଂଶର ଅତିରିକ୍ତ ଚର୍ଚ୍ଚା କରିବି ।

ହ. ମସିହ୍ ମଉଦ୍ ଅ.ସ ମହାରାଣୀ ଭିକ୍ଟୋରିଆଙ୍କ ହୀରକ ଜୟନ୍ତୀ ଅବସରରେ ତାଙ୍କୁ ଇସ୍‌ଲାମ୍ ଧର୍ମର ପ୍ରଚାର ନିମନ୍ତେ ନିଜର ଉଲ୍ଲିଖିତ ଲେଖନୀ '**ତୋହଫା କୈସରିୟା**'ରେ ପବିତ୍ର କୁରଆନ୍ କରୀମ୍‌ର ମାହାତ୍ମ୍ୟତା ଏବଂ ଗାରିମା ଓ ମହତ୍ୱ ସଂପର୍କରେ କହିଲେ, ପବିତ୍ର କୁରଆନ୍ କରୀମ୍ ଗୂଢ ରହସ୍ୟ ଓ ବ୍ରହ୍ମଜ୍ଞାନ ସମ୍ବଳିତ ଅଟେ । ପ୍ରତ୍ୟେକ ଶିକ୍ଷା କ୍ଷେତ୍ରରେ ଇଞ୍ଜିଲ୍ ତୁଳନାରେ ପ୍ରକୃତ ପୁଣ୍ୟ ସମ୍ପାଦନ କରିବା ନିମନ୍ତେ ଶିକ୍ଷା ପ୍ରଦାନ କରିଛି । ବିଶେଷ କରି ପ୍ରକୃତ ଏବଂ ଅପରିବର୍ତ୍ତିତ ଈଶ୍ୱରଙ୍କୁ ଦେଖାଇବାର ପ୍ରଦୀପ ପବିତ୍ର କୁରଆନ୍ କରୀମରେ ହିଁ ରହିଛି । ତେଣୁ ପବିତ୍ର କୁରଆନ୍ କରୀମ୍ ଯଦି ଏହି ସଂସାରାକୁ ନ ଆସି ଥାଆନ୍ତା ତେବେ ପ୍ରଭୁ ଜାଣନ୍ତି ସଂସାରବାସୀ ଜୀବୋପାସନାର କେଉଁ ସ୍ତରରେ ଉପନୀତ ହୋଇଥାନ୍ତେ। ମୁଁ ପ୍ରଭୁଙ୍କୁ କୃତଜ୍ଞତା ଜ୍ଞାପନ କରୁଛି ଯେ, ପ୍ରଭୁଙ୍କ ଏକେଶ୍ୱରବାଦର ଯେଉଁ ମହିମା ପୃଥିବୀ ପୃଷ୍ଠରୁ ହଜି ଯାଇଥିଲା ତାହା ପୁନଃ ସ୍ଥାପିତ ହୋଇଗଲା ।

ହୁଜୁର ଅନୱର୍ ଅ.ବ କହିଲେ; କିଏ ସେହି ବ୍ୟକ୍ତି ଯିଏ ସେହି କାଳରେ ହିନ୍ଦୁମାନଙ୍କୁ ଦୁଃସାହାସିକ ବାର୍ତ୍ତା ଦେଇଥିଲା ଅବା ଇସ୍‌ଲାମ୍ ଧର୍ମର ପ୍ରଚାର କରିଥଲା । ଆଜି ଏହି ଲୋକମାନେ ଯେଉଁମାନଙ୍କ ଠାରେ ଏତେ ସାହାସ ନଥିଲା ଯେ, ସେମାନେ ଇସ୍‌ଲାମ୍ ଧର୍ମ ଏବଂ ପବିତ୍ର କୁରଆନ୍ କରୀମ୍‌ର ମାହାତ୍ମ୍ୟତା ଏବଂ ଗାରିମା ସଂକ୍ରାନ୍ତରେ କିଛି ବର୍ଣ୍ଣନା କରନ୍ତେ, ସେମାନେ ପୁଣି ଏହା କୁହନ୍ତି ଯେ, **ନାଉଜୁବିଲ୍ଲାଃ** (ଆମେ ଅଲ୍ଲାଃତାଲାଙ୍କର ଶରଣ ଭିକ୍ଷା କରୁଛୁ) ହଜରତ ମସିହ୍ ମଉଦ୍ ଅ.ସ ଅବା ତାହାଙ୍କ ଦ୍ୱାରା ସ୍ଥାପିତ ଜମାଅତ୍ ଅହେମଦିୟା ପବିତ୍ର କୁରଆନ କରୀମ୍‌ର ଗାରିମାକୁ କ୍ଷୁର୍ଣ୍ଣ କରୁଛି । ଅପରପକ୍ଷେ ଅଣମୁସଲମାନ ଯେକି ପବିତ୍ର କୁରଆନ୍ କରୀମ୍‌ର ମାହାତ୍ମ୍ୟତାକୁ ରଦ୍ଦ ତ' କରିପାରିବେ ନାହିଁ କିନ୍ତୁ ସେମାନଙ୍କର ଆଚରଣ ତଥା ଗତିବିଧିକୁ ଲକ୍ଷ୍ୟ କଲେ ଏହା ପ୍ରତିତ ହୁଏ ଯେ, ସେମାନେ ଇସ୍‌ଲାମ୍ ଧର୍ମର ବିରୋଧ ପ୍ରଦର୍ଶନରେ ଏଭଳି ଅନ୍ଧ ହୋଇଯାଇଛନ୍ତି ଯେ, ନିଜର ମନକୁ ସାନ୍ତ୍ୱନା ଦେବା ସକାଶେ ପବିତ୍ର କୁରଆନ୍ କରୀମ୍‌ର ସଂପୂର୍ଣ୍ଣ ଅଭିଲେଖକୁ ଜାଳି ନିଜ ମନ ଭିତରେ କ୍ରୋଧକୁ ପ୍ରଶମିତ କରିଥାଆନ୍ତି । ଯେପରିକି ସ୍ୱିଡ଼େନ୍ ଏବଂ ସ୍କେଣ୍ଡେନ୍ୟୁୱେନ୍ ଆଦି ଦେଶରେ ଏପରି ଘଟଣା ଦେଖିବାକୁ ମିଳିଛି । ଯଦି ମୁସଲମାନମାନେ ଯୁଗାବତାରଙ୍କୁ ସ୍ୱୀକାର କରି ନିଅନ୍ତି ଏବଂ ପବିତ୍ର କୁରଆନ୍ କରୀମ୍‌ର ଉପଦେଶାବଳୀକୁ ହୃଦୟଙ୍ଗମ କରି ଏହା ଉପରେ କାର୍ଯ୍ୟାନୁସରଣ କରନ୍ତି ତେବେ ଅଣମୁସଲମାନମାନଙ୍କୁ କେବେ ବି ଏହି ପ୍ରକାରର ଜଘନ୍ୟ କାର୍ଯ୍ୟ ଅର୍ଥାତ ପବିତ୍ର କୁରଆନ୍ କରୀମ୍‌କୁ ଜାଳିବା ଏବଂ ଏହାର ସମ୍ମାନକୁ କ୍ଷୁର୍ଣ୍ଣ କରିବାର ଦୁଃସାହସ କରିବେ ନାହିଁ । ଅଲ୍ଲଃତାଲା ସେହି ଲୋକମାନଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ ।

ବର୍ତ୍ତମାନ ପବିତ୍ର କୁରଆନ୍ କରୀମ୍ ହିଁ ସତ୍‌ମାର୍ଗର ଏକମାତ୍ର ମାଧ୍ୟମ ଅଟେ । ତତ୍‌ସଂକ୍ରାନ୍ତରେ ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, ଇସ୍‌ଲାମ୍ ଧର୍ମ ଏଭଳି ଏକ କଲ୍ୟାଣମୟ ଏବଂ ଈଶ୍ୱରଦର୍ଶୀ ଧର୍ମ ଯେ, ଯଦି କୌଣସି ବ୍ୟକ୍ତି ପ୍ରକୃତ ରୂପେ

ଏହି ଧର୍ମର ନିୟମାବଳୀକୁ ଅନୁସରଣ କରେ.........ଯାହାକି ଈଶ୍ୱରଙ୍କ ଦ୍ୱାରା ଆବତୀର୍ଣ୍ଣ ହୋଇଥିବା ପବିତ୍ର କୁରଆନ୍ କରୀମରେ ଉଲ୍ଲିଖିତ ଅଛି । ତେବେ ସେହି ବ୍ୟକ୍ତି ଏହି ସଂସାରରେ ହିଁ ପ୍ରଭୁଙ୍କୁ ଦେଖିନେବ । ସେହି ଈଶ୍ୱର ଯେକି ସଂସାରର କାମନାପୂର୍ଣ୍ଣ ଦୃଷ୍ଟିରୁ ହଜାରରୁ ଉର୍ଦ୍ଧ୍ୱ ପରଦାରେ ଲୁକ୍କାୟିତ ରହିଛନ୍ତି ତାହାଙ୍କୁ ଚିହ୍ନିବା ନିମନ୍ତେ ପବିତ୍ର କୁରଆନ୍ କରୀମ୍ ଶିକ୍ଷା ବ୍ୟତୀତ ଅନ୍ୟ କୌଣସି ମାଧ୍ୟମ ନାହିଁ । ପବିତ୍ର କୁରଆନ୍ କରୀମ ବୌଦ୍ଧିକପୂର୍ଣ୍ଣ ଢଙ୍ଗରେ ଏବଂ ଆକାଶୀୟ ନିଦର୍ଶନ ମାଧ୍ୟମରେ ଅତ୍ୟନ୍ତ ସହଜ, ସରଳ ତଥା ସାବଲୀଳ ଢଙ୍ଗରେ ଈଶ୍ୱରଙ୍କ ଆଡ଼କୁ ମାର୍ଗଦର୍ଶନ କରିଥାଏ । ତହିଁରେ (ପବିତ୍ର କୁରଆନ୍‌ରେ) କଲ୍ୟାଣ ଏବଂ ସଂଶ୍ଳେଷଣ ଶକ୍ତି ରହିଛି ଯାହାକି ଈଶ୍ୱରାଭିଳାଷୀଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ପ୍ରଭୁଙ୍କ ଆଡ଼କୁ ଆକର୍ଷିତ କରିଥାଏ ଏବଂ ତାହା ପାଠକମାନଙ୍କୁ ଦୈବି ଆଲୋକ, ଶାନ୍ତି ଓ ଆତ୍ମସନ୍ତୋଷ ପ୍ରଦାନ କରିଥାଏ । ପବିତ୍ର କୁରଆନ୍ କରୀମ୍ ଉପରେ ବିଶ୍ୱାସ ଆଣିଥିବା ବ୍ୟକ୍ତି କେବଳ ଦାର୍ଶନିକଙ୍କ ପରି ଏହି ଚିନ୍ତାଧାରା ପୋଷଣ କରି ନଥାଏ ଯେ, ସେହି ପରାକ୍ରମୀ ଈଶ୍ୱର ଅବଶ୍ୟ ହେବା ଉଚିତ । ବରଂ ସେ ବ୍ୟକ୍ତିଗତ ଦର୍ଶନେନ୍ଦ୍ରୀୟତ୍ୱ ପ୍ରାପ୍ତ କରି.....ବିଶ୍ୱାସର ଚକ୍ଷୁରେ ଅବଲୋକନ କରି ନେଇଥାଏ ଯେ, ପ୍ରକୃତ ପକ୍ଷେ ସେହି ନିର୍ମାଣକର୍ତ୍ତା ଉପସ୍ଥିତ ଅଛନ୍ତି ଏବଂ ସେହି ପବିତ୍ର ବାଣୀରୁ ଆଲୋକ ପ୍ରାପ୍ତକାରୀ ବ୍ୟକ୍ତି କେବଳ ଶୁଷ୍କ ବୁଦ୍ଧିଜୀବୀଙ୍କ ପରି ନିଜ ମନ ଭିତରେ ଏହି ଧାରଣା ପୋଷଣ କରି ନଥାଏ ଯେ, ଭଗବାନ ଏକ ଏବଂ ତାହାଙ୍କର କେହି ସମକକ୍ଷ ନୁହନ୍ତି । ବରଂ ଶତାଧିକ ଜାଜୁଲ୍ୟମାନ ନିଦର୍ଶନ ସହିତ ତାହାର ହସ୍ତ ଧରି ଅନ୍ଧକାର ଭିତରୁ କାଢି ଆଣିଥାଏ, ପ୍ରକୃତ ରୂପେ ସେ ସେହି ନିଦର୍ଶନକୁ ଅବଲୋକନ କରି ନେଇଥାଏ । କାରଣ ବାସ୍ତବରେ ପ୍ରଭୁଙ୍କ ଅସ୍ତିତ୍ୱ ଏବଂ ତାହାଙ୍କ ପରି ବିଶେଷ ଗୁଣାବଳୀ ଯଥା, **ରହ୍‌ମାନ** ଓ **ରହିମ୍** (ଅଶେଷ ଦୟାବାନ ଓ ସଦା କରୁଣାମୟ ପ୍ରଭୁ) ଆଦିରେ କେହି ହେଲେ ସମକକ୍ଷ ନୁହନ୍ତି । କେବଳ ଏହି ପ୍ରକାରର ବିଶେଷ ଗୁଣାବଳୀ ଦ୍ୱାରା ନୁହେଁ ବରଂ ବ୍ୟବହାରିକ ରୂପେ ସେ ଜଗତକୁ ଏହା ଦେଖାଇ ଦିଅନ୍ତି ଯେ, ଭକ୍ତ ନିଜ ଚିନ୍ତା ଚେତନାରେ ପ୍ରଭୁଙ୍କୁ ସେହିପରି ହିଁ ବିଶ୍ୱାସ କରିଥାଏ (ଅର୍ଥାତ **ୱାହିଦ** ଓ **ଲାଶରିକ୍**) । ପ୍ରଭୁଙ୍କ ଏକେଶ୍ୱରବାଦିତାର ଗାରିମା ତା' ମନ ଭିତରେ ଏଭଳି ମିଶ୍ରିତ ଓ ପ୍ରବିଷ୍ଟ ହୋଇଯାଏ ଯେ, ସେ ଈଶ୍ୱରଙ୍କ ଇଚ୍ଛାଶକ୍ତି ଆଗରେ ସମସ୍ତ ସଂସାର ଜଗତକୁ ଏକ ମୃତ କୀଟ ପରି ସଂପୂର୍ଣ୍ଣ ନିର୍ଜୀବ ବସ୍ତୁ ଏବଂ ପୂର୍ଣ୍ଣ ରୂପେ ନିପାତ ବୋଲି ମନେ କରିଥାଏ ।

ପୁନଶ୍ଚ ପବିତ୍ର କୁରଆନ୍ କରୀମ୍‌ରେ ଜ୍ଞାନ ଭିତ୍ତିକ ଏବଂ ଅମଳଗତ ପୂର୍ଣ୍ଣ ସତମାର୍ଗ ସଂପର୍କରେ ହ. ମସିହ୍ ମଉଦ୍ ଅ.ସ କୁହନ୍ତି, ଏକଥା ସ୍ମରଣ ରଖିବା ଉଚିତ ଯେ, ପବିତ୍ର କୁରଆନ୍‌ରେ ଜ୍ଞାନ ଭିତ୍ତିକ ଏବଂ ପୂର୍ଣ୍ଣ ଅମଳଗତ ସତ୍‌ମାର୍ଗ ସଂପର୍କରେ ଉଲ୍ଲେଖ ରହିଛି । ଯେପରିକି ଅଲ୍ଲାଃତାଲା ସୁରାଃ ଫାତିହାରେ କୁହନ୍ତି اِهْدِنَا الصِّرَاطَ الْمُسْتَقِيْمَ ଅର୍ଥାତ ଉକ୍ତ ଆୟତ୍‌ରେ ଜ୍ଞାନ ସଂପୂର୍ଣ୍ଣ ହେବା ଆଡ଼କୁ ଇଙ୍ଗିତ ରହିଛି ଏବଂ କର୍ମ ସମ୍ପାଦନ ହେବା ସଂକ୍ରାନ୍ତରେ କୁହନ୍ତି, صِرَاطَ الَّذِيْنَ اَنْعَمْتَ عَلَيْهِمْ ରେ କୁହନ୍ତି, ଯେଉଁ ପରିଣାମ ସଂପୂର୍ଣ୍ଣ ଏବଂ ସାବ୍ୟସ୍ତ ତାହା ପ୍ରାପ୍ତ ହୋଇଯାଉ । କାର୍ମିକ ତଥା ବ୍ୟବହାରିକ ଉନ୍ନତି ନିମନ୍ତେ ସେହି ଲୋକମାନଙ୍କର ମାର୍ଗ ଅନୁସରଣ କରିବା ନିମନ୍ତେ ପ୍ରାର୍ଥନା କରିବାକୁ କୁହାଯାଇଛି ଯେଉଁମାନେ ପୁରସ୍କୃତ ଅଟନ୍ତି । ଅର୍ଥାତ **ନବୀ** (ଅବତାର), **ସିଦ୍ଦିକ୍** (ସତ୍ୟବାଦୀ), **ଶହୀଦ୍** (ବୀରଗତି ପ୍ରାପ୍ତକାରୀ) ଏବଂ **ସାଲେହ୍** (ପୁଣ୍ୟବାନ୍) । ପୁନଶ୍ଚ ଏମାନଙ୍କର ଉଦାହରଣ ମଧ୍ୟ ଉପସ୍ଥିତ ରହିଛି ଏବଂ ଏହି ଯୁଗରେ ମଧ୍ୟ ଏହିପରି ଲୋକମାନେ ଅଛନ୍ତି ଯେଉଁମାନେ ସତ୍‌ମାର୍ଗ ପ୍ରାପ୍ତକାରୀ ବ୍ୟକ୍ତି ଅଟନ୍ତି । ଯେଉଁମାନଙ୍କୁ ଅଲ୍ଲାଃତାଲା ପୁରସ୍କାର ଦ୍ୱାରା ସମ୍ମାନିତ କରିଥାଆନ୍ତି । ଆପଣ ଅ.ସ କୁହନ୍ତି, ଯେପରି ଏକ ଚାରା ରୋପଣ କରାଗଲେ ଯେପର୍ଯ୍ୟନ୍ତ ତାହା ସଂପୂର୍ଣ୍ଣ ରୂପେ ପ୍ରତିପୋଷଣ ପ୍ରାପ୍ତ କରି ନେଇଁ ନାହିଁ ସେପର୍ଯ୍ୟନ୍ତ ତହିଁରେ ପୁଷ୍ପ ଏବଂ ଫଳ ଲାଗିପାରିବ ନାହିଁ । ଠିକ୍ ସେହିପରି ଯଦି କୌଣସି ସତ୍‌ମାର୍ଗର ସର୍ବୋଚ୍ଚ ଏବଂ ସଂପୂର୍ଣ୍ଣ ପରିଣାମ ପ୍ରକାଶିତ ହୋଇ ନାହିଁ ତେବେ ସେହି ସତ୍‌ମାର୍ଗ ମୃତ ଅଟେ । ପବିତ୍ର କୁରଆନ୍ କରୀମ୍ ହେଉଛି ଏଭଳି ଏକ ମାର୍ଗଦର୍ଶକ ଯାହା ଉପରେ ଅନୁସରଣ କରୁଥିବା ବ୍ୟକ୍ତି ସର୍ବୋଚ୍ଚ ସ୍ତରରେ ଉପନୀତ ହୋଇ ପୂର୍ଣ୍ଣତ୍ୱ ଏବଂ ସିଦ୍ଧି ଲାଭ କରିନେଇ ଈଶ୍ୱରଙ୍କ ସହିତ ତା'ର ପ୍ରକୃତ ସଂପର୍କ ସ୍ଥାପନ ହୋଇଯାଇଥାଏ । ଏପର୍ଯ୍ୟନ୍ତକି ତା'ର ସତ୍‌କର୍ମ ଏକ ପବିତ୍ର ବୃକ୍ଷ ପରି ବୃଦ୍ଧି ପାଇ ତହିଁରେ ପୁଷ୍ପ ଏବଂ ଫଳ ଲଦି ହୋଇ ଯାଇଥାଏ ।

ପବିତ୍ର କୁରଆନ୍ କରୀମ୍ ଏଭଳି ଏକ ପବିତ୍ର ଗ୍ରନ୍ଥ ଯାହା ସେହି ଯୁଗରେ ଅବତୀର୍ଣ୍ଣ ହୋଇଥିଲା ଯେତେବେଳେ ସଂସାରରେ ଭୟଙ୍କର ଉପଦ୍ରବ ବ୍ୟାପୀ ଥିଲା ଏବଂ ନାନାପ୍ରକାରର ଅନ୍ଧବିଶ୍ୱାସ ଏବଂ କୁକର୍ମ ଜନିତ ପରମ୍ପରା ପ୍ରଣୟନ ହୋଇଯାଇଥିଲା । ଏହି ଦିଗ ଆଡ଼କୁ ଇଙ୍ଗିତ କରି ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି, ظَهَرَ الْفَسَادُ فِي الْبَرِّ وَالْبَحْرِ ଅର୍ଥାତ ସମସ୍ତ ପୁସ୍ତକଧାରୀ ଏବଂ ଅଣ ପୁସ୍ତକଧାରୀ ଧର୍ମାବଲମ୍ବୀମାନେ ସମସ୍ତେ ନାନା ପ୍ରକାରର କୁପ୍ରଥା ଏବଂ

ଅନ୍ଧବିଶ୍ୱାସରେ ପ୍ରପିଡ଼ୀତ ହୋଇଥିଲେ ଏବଂ ଧରା ପୃଷ୍ଠରେ ମହା ଉପଦ୍ରବର ତାଣ୍ଡବ ଲୀଳା ଚାଲିଥିଲା । ଅତଃ ଅଲ୍ଲାଃତାଲା ସମସ୍ତ କୁପ୍ରଥା ଏବଂ ଅନ୍ଧବିଶ୍ୱାସକୁ ରଦ୍ଦ କରିବା ନିମନ୍ତେ କୁରଆନ୍ କରୀମ୍ ଭଳି ଏକ ପୂର୍ଣ୍ଣ ଓ ପବିତ୍ର ଗ୍ରନ୍ଥ ଆମମାନଙ୍କର ମାର୍ଗଦର୍ଶନ ନିମନ୍ତେ ଅବତୀର୍ଣ୍ଣ କଲେ । ବିଶେଷ କରି ସୁରାଃ ଫାତିହା ଯାହା ପାଞ୍ଚବେଳା ଓ ପାଞ୍ଚଟି ନମାଜର ପ୍ରତ୍ୟେକ ରେକାତ୍‌ରେ ପାଠ କରାଯାଇଥାଏ ତହିଁରେ ଇଙ୍ଗିତ ସ୍ୱରୂପ ସମସ୍ତ ପ୍ରକାରର ଆସ୍ଥା ଓ ବିଶ୍ୱାସର ଚର୍ଚ୍ଚା ରହିଛି । ଯେପରିକି ଅଲ୍ଲାଃତାଲା କୁହନ୍ତି, اَلۡحَمۡدُ لِلّٰہِ رَبِّ الۡعٰلَمِیۡنَ ଅର୍ଥାତ ସକଳ ପ୍ରଶଂସା ଅଲ୍ଲାଃତାଲାଙ୍କ ପାଇଁ ଉଦ୍ଦିଷ୍ଟ । ଯେ ସଂପୂର୍ଣ୍ଣ ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା ଅଟନ୍ତି । ସେ اَلرَّحۡمٰنِ ଅର୍ଥାତ ଅଶେଷ ଦୟାବାନ ପ୍ରଭୁ ଅଟନ୍ତି । ଅର୍ଥାତ ସେ ବିନା କୌଣସି କର୍ମ ସମ୍ପାଦନରେ ଆମମାନଙ୍କୁ ଅଗଣିତ ପୁରସ୍କାର ବାଢି ଦେଇଛନ୍ତି ଯଥା, ସୂର୍ଯ୍ୟ, ଚନ୍ଦ୍ର, ବାୟୁ ଇତ୍ୟାଦି । ସେ اَلرَّحِیۡمِ ଅର୍ଥାତ ସଦା କରୁଣାମୟ ପ୍ରଭୁ । ଯେଉଁ କାର୍ଯ୍ୟ ବି ତୁମମେମାନେ ସମ୍ପାଦନ କର ସେ ତାହାର ପ୍ରତିଫଳ ନିଶ୍ଚୟ ପ୍ରଦାନ କରନ୍ତି ଏବଂ ତୁମେମାନେ ଯେତେବେଳେ ତାହାଙ୍କୁ ପ୍ରାର୍ଥନା କର ସେତେବେଳେ ସେ ତାହାକୁ ସ୍ୱୀକାର ମଧ୍ଯ କରନ୍ତି । ସେ مٰلِکِ یَوۡمِ الدِّیۡنِ ଅର୍ଥାତ ସେ ବିଚାର ଦିବସର ପ୍ରଭୁ ଅଟନ୍ତି । ବିଚାର ଇହକାଳରେ ବି ହେବ ଏବଂ ପରକାଳରେ ମଧ୍ଯ ହେବ । ହ. ମସିହ୍ ମଉଦ୍ ଅ.ସ କହିଲେ, ଏହି ଚାରୋଟି ବିଶେଷ ଗୁଣାବଳୀ ଯଥା-, رَبِّ, اَلرَّحۡمٰنِ, اَلرَّحِیۡمِ, مٰلِکِ یَوۡمِ الدِّیۡنِ ରେ ସଂପୂର୍ଣ୍ଣ ସଂସାରରେ ଥିବା ଗୋଷ୍ଠୀ ଏବଂ ଜାତିମାନଙ୍କ ସଂକ୍ରାନ୍ତରେ ବର୍ଣ୍ଣନା କରାଯାଇଛି । ବର୍ତ୍ତମାନ ଧ୍ୟାନପୂର୍ବକ ମନୁଷ୍ୟ ଯଦି ପାଞ୍ଚବେଳା ନମାଜରେ ଏହି ସୁରାଃ ପାଠକରେ ତେବେ ସେ ଅବଶ୍ୟ ଈଶ୍ୱରଙ୍କ ପରିଚୟ ପ୍ରାପ୍ତ କରିବାକୁ ସକ୍ଷମ ହୋଇପାରିବ ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି, ପବିତ୍ର କୁରଆନ୍ କରୀମ ଏକ ଚମତ୍କାର ଅଟେ । ଚମତ୍କାର କହିଲେ ଏଭଳି ଏକ ଅଲୌକିକତାକୁ ବୁଝାଏ ଯେ, ବିରୋଧୀ ଚମତ୍କାର ବିପକ୍ଷରେ କୌଣସି ଉଦାହରଣ ତଥା ଦୃଷ୍ଟାନ୍ତ ଉପସ୍ଥାପନ କରିବାକୁ ସଂପୂର୍ଣ୍ଣ ରୂପେ ଅକ୍ଷମ ରହିଯିବ । ପବିତ୍ର କୁରଆନ୍ କରୀମ୍‌ର ଚମତ୍କାର ସମଗ୍ର ଆରବବାସୀଙ୍କ ସମ୍ମୁଖରେ ଉପସ୍ଥାପନ କରାଗଲା କିନ୍ତୁ ସମଗ୍ର ଆରବବାସୀ ଏହାର ଦୃଷ୍ଟାନ୍ତ ଉପସ୍ଥାପିତ କରିବାରେ ବିଫଳ ରହିଥିଲେ । ସୁତରାଂ ଚମତ୍କାରର ବାସ୍ତବତାକୁ ବୁଝିବାକୁ ହେଲେ ପବିତ୍ର କୁରଆନ୍ କରୀମ୍‌ର ବାଣୀ ହେଉଛି ଏକମାତ୍ର ପନ୍ଥା ଏବଂ ଜାଜ୍ୱଲ୍ୟମାନ ଦୃଷ୍ଟାନ୍ତ । ଏହି ବାଣୀ ଅତ୍ୟନ୍ତ ଉଚ୍ଚ ଲାଳିତ୍ୟ ସମ୍ପନ୍ନ ପୂର୍ଣ୍ଣ ବାଣୀ । ଏହା ଏପରି ନିରୁତ୍ତରପୂର୍ବକ ଚମତ୍କାର ଯାହାକି ୧୩୦୦ ଶତାବ୍ଦୀ ବିତିଯିବା ପରେ ମଧ୍ଯ ଅଦ୍ୟାବଧି କୌଣସି ବ୍ୟକ୍ତି ଏହାର ମୁକାବିଲା କରିପାରି ନାହିଁ କି ମୁକାବିଲା କରିବାକୁ ସକ୍ଷମ ମଧ୍ଯ ହୋଇପାରିବ ନାହିଁ । ଏହି ଚମତ୍କାରପୂର୍ବକ ଭବିଷ୍ୟତବାଣୀକୁ ମଧ୍ଯ ଚମତ୍କାରପୂର୍ଣ୍ଣ ଉକ୍ତିରେ ଅଲ୍ଲାଃତାଲା ବର୍ଣ୍ଣନା କରିଥାନ୍ତି । ଅତଃ ଚମତ୍କାରର ପ୍ରକୃତ ଏବଂ ଗଭୀରତମ ଉଦ୍ଦେଶ୍ୟରେ ମର୍ମ ରହିଛି ଏବଂ ତାହା ଏହିକି ଯେ, ସତ୍ୟ-ଅସତ୍ୟ, ସତ୍ୟବାଦୀ ଏବଂ ମିଥ୍ୟାବାଦୀ ମଧ୍ୟରେ ପାର୍ଥକ୍ୟ ଦର୍ଶାଇବା ହିଁ ଏହାର ମୂଳ ଆଭିମୁଖ୍ୟ । ଧର୍ମର ପ୍ରକୃତ ସତ୍ୟତା ହେଉଛି ପ୍ରଭୁଙ୍କ ଅସ୍ତିତ୍ୱକୁ ଚିହ୍ନିବା । ସତ୍ୟଧର୍ମ ନିମନ୍ତେ ଏହା ଆବଶ୍ୟକ ଯେ, ତହିଁରେ ଏହିଭଳି ନିଦର୍ଶନ ଉପଲବ୍ଧ ହେଉ ଯାହାକି ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ସଂପୂର୍ଣ୍ଣ ରୂପେ ପ୍ରତିପାଦିତ ହେବ ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି, ଯେଉଁ ଧର୍ମ ଈଶ୍ୱରଙ୍କୁ ଚିହ୍ନିବାକୁ ପରିତ୍ୟାଗ କରିଦିଏ ସେହି ଧର୍ମ ମୃତ ଧର୍ମ ଅଟେ ଏବଂ ଏହି ମୃତ ଧର୍ମରୁ କୌଣସି ବ୍ୟକ୍ତି ପବିତ୍ରତା ଲାଭ କରିପାରି ନଥାଏ । ଆପଣ ଅ.ସ ପୁନଶ୍ଚ କୁହନ୍ତି, ଏକଥାର କିଏ ନିର୍ଣ୍ଣୟ କରିପାରିବ ଯେ, ଉକ୍ତ ଧର୍ମ ଗ୍ରନ୍ଥରେ ବୌଦ୍ଧିକପୂର୍ଣ୍ଣ କଥାର ଯେଉଁ ଉଲ୍ଲେଖ ରହିଛି ତାହା ବାସ୍ତବିକ ରୂପେ ଐଶୀବାଣୀ ସମ୍ବଳିତ ଅଟେ । ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ସେହି ବ୍ୟକ୍ତି କିପରି ପ୍ରମାଣ ଉପସ୍ଥାପିତ କରିପାରିବ । କିପରି ଓ କେବେ କୌଣସି ସତ୍ୟାନ୍ୱେଷୀ ବ୍ୟକ୍ତିର ଆତ୍ମା ଉକ୍ତ କଥା ଉପରେ ପୂର୍ଣ୍ଣ ଆଶ୍ୱସ୍ତି ଅନୁଭବ କରିପାରିବ ଯେ, ସେହି ବୌଦ୍ଧିକ ଜ୍ଞାନ ଓ ନିଦର୍ଶନ ହିଁ ରମେଶ୍ୱରଙ୍କ ଦିଗଦର୍ଶନ କରାଇଥାଏ । ସେହିପରି ସେହି ବ୍ୟକ୍ତି କେବେ ସନ୍ତୁଷ୍ଟ ହୋଇପାରିବ ଯେ, ଉପରୋକ୍ତ କଥା ସଂପୂର୍ଣ୍ଣ ରୂପେ ଭିତ୍ତିହୀନ ଓ ବିପଦ ରହିତ ଅଟେ । ସୁତରାଂ ଧର୍ମ ଯଦି କେତେକ ପ୍ରସଙ୍ଗକୁ ବୌଦ୍ଧିକପୂର୍ଣ୍ଣ କିମ୍ବା ଦାର୍ଶନିକପୂର୍ଣ୍ଣ ଜ୍ଞାନ ଆଡ଼କୁ ଇଙ୍ଗିତ କରି ନିଜ ସତ୍ୟତାର କାରଣମାନ ବର୍ଣ୍ଣନା କରେ ଏବଂ ଆକାଶୀୟ ନିଦର୍ଶନ ଏବଂ ଅଲୌକିକ ଚମତ୍କାରକୁ ଦେଖାଇ ପାରିବାରୁ ଅକ୍ଷମତା ପ୍ରକାଶ କରେ ତେବେ ଏପରି ଧର୍ମ ଓ ଧର୍ମାବଲମ୍ବୀମାନେ ବିଶ୍ୱାସଘାତୀ ଅଟନ୍ତି ଓ ସେମାନେ ଅନ୍ଧକାରରେ ହିଁ ମୃତ୍ୟୁବରଣ କରିବ । ଯେପର୍ଯ୍ୟନ୍ତ କୌଣସି ଧର୍ମ ଏକଥାର ଦାୟିତ୍ୱ ବହନ କରିନେଇ ନାହିଁ ଯେ, ସେ ପ୍ରଭୁଙ୍କ ଅସ୍ତିତ୍ୱକୁ ସାବ୍ୟସ୍ତ କରି ଦେଖାଇ ଦିଏ ତେବେ ସେ ପରିପ୍ରେକ୍ଷୀରେ ସେହି ଧର୍ମର କୌଣସି ମୂଲ୍ୟ ଏବଂ ପ୍ରାସଙ୍ଗିକତା ନାହିଁ ।

ହୁଜୁର ଅ.ସ କହିଲେ, ଏହା ହେଉଛି ସେହି ସ୍ଥାନ ଯାହାକୁ ପ୍ରାପ୍ତ କରିବା ପାଇଁ ଆମମାନଙ୍କୁ ଉଦ୍ୟମ କରିବା ଉଚିତ । ଅଲ୍ଲାଃତାଲାଙ୍କୁ ତାହାଙ୍କ ନିଦର୍ଶନ ଏବଂ ତାହାଙ୍କ ସହିତ ବ୍ୟକ୍ତିଗତ ସଂପର୍କ ଦ୍ୱାରା ହିଁ ଚିହ୍ନନ୍ତୁ । ପୁନଶ୍ଚ ଅଲ୍ଲାଃତାଲାଙ୍କ ବାସ୍ତବତା ମନୁଷ୍ୟ ଉପରେ ଉନ୍ମୁକ୍ତ ହୋଇଥାଏ । ଅଲ୍ଲାଃତାଲାଙ୍କ କୃପାରୁ ଜମାଅତ୍ ଅହେମଦିୟାରେ ଏହିଭଳି ଅନେକ ଦୃଷ୍ଟାନ୍ତ ଉପଲବ୍ଧ ରହିଛି ଯେ, କେବଳ ଅଣଧର୍ମାବଲମ୍ବୀମାନେ କାହିଁକି ବରଂ ନାସ୍ତିକବାଦୀ ଓ ବିଧର୍ମୀମାନଙ୍କୁ ମଧ୍ୟ ଈଶ୍ୱରଙ୍କ ଅସ୍ତିତ୍ୱ ସଂପର୍କରେ ମଧ୍ୟ ବିଶ୍ୱାସ ପ୍ରଦାନ କରାଯାଇଛି । ବୌଦ୍ଧିକପୂର୍ଣ୍ଣ ପ୍ରମାଣ ଦିଆଯାଇ ଯେତେବେଳେ ସେହି ନାସ୍ତିକବାଦୀ ବିଧର୍ମୀମାନଙ୍କୁ ଈଶ୍ୱରଙ୍କ ଅସ୍ତିତ୍ୱର ନିଦର୍ଶନ ଦେଖାଇ ଦିଆଗଲା ଏବଂ ସେମାନଙ୍କ ସମ୍ମୁଖରେ ଘଟଣାବଳୀ ଉଲ୍ଲେଖ କରିଦିଆଗଲା ସେତେବେଳେ ସେମାନେ ନା କେବଳ ଧର୍ମକୁ ସ୍ୱୀକାର କଲେ ବରଂ ଇସ୍‌ଲାମ୍ ଧର୍ମକୁ ଆନନ୍ଦ ସହକାରେ ସ୍ୱୀକାର କଲେ । ବେଲ୍‌ଜିୟମ୍‌ର ଜଣେ ନାସ୍ତିକବାଦ ବନ୍ଧୁ ବୈଅତ୍ କଲେ ଏବଂ ସେ ନିଜ ସଂକ୍ରାନ୍ତରେ ଏହା କହିଲେ, ମୁଁ ଯେତେବେଳେ ଈଶ୍ୱରଙ୍କ ସତ୍ତାକୁ ସ୍ୱୀକାର କରିନେଲି ସେତେବେଳେ ମୋ ନିକଟରେ ଅହେମଦିୟତ୍ ଏବଂ ପ୍ରକୃତ ଇସ୍‌ଲାମ୍ ଧର୍ମକୁ ଗ୍ରହଣ କରିବା ବ୍ୟତୀରେକ ଅନ୍ୟ କୌଣସି ଉପାୟ ନଥିଲା । କାରଣ ଅହେମଦିୟତ୍ ହିଁ ମୋତେ ଈଶ୍ୱରଙ୍କୁ ଚିହ୍ନିବାର ବାଟ ଦେଖାଇଥିଲା । ଏଣୁ ମୁଁ ଅହେମଦି ମୁସଲମାନ ହେଲି । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ଆମର ବିରୋଧୀମାନେ ଏହି ବ୍ରହ୍ମଜ୍ଞାନ ସମ୍ବଳିତ ପ୍ରସଙ୍ଗକୁ ଶୁଣିବାକୁ ଇଚ୍ଛା ପ୍ରକାଶ କରୁ ନାହାନ୍ତି ଏବଂ ଆମମାନଙ୍କ ଉପରେ ଏହି ଲାଞ୍ଛନା ଲଗାଉଛନ୍ତି ଯେ, ଆମେମାନେ କୁଆଡ଼େ ପବିତ୍ର କୁରଆନ୍ କରୀମ୍‌ରେ ଅକ୍ଲେଶରେ ପରିବର୍ତ୍ତନ ଏବଂ ତାହାର ସମ୍ମାନକୁ କ୍ଷୁର୍ଣ୍ଣ କରୁଛୁ ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି, ପବିତ୍ର କୁରଆନ୍ କରୀମ୍ ପ୍ରତ୍ୟେକ କାହାଣୀକୁ ରସୁଲ କରୀମ୍ ସ.ଅଙ୍କ ସକାଶେ ଏବଂ ଇସ୍‌ଲାମ୍ ଧର୍ମ ନିମନ୍ତେ ଏକ ଭବିଷ୍ୟତବାଣୀ ବୋଲି ବିବେଚିତ କରିଛି । ଏହି କାହାଣୀ ସମ୍ବଳିତ ଭବିଷ୍ୟତବାଣୀ ମଧ୍ୟ ଅତ୍ୟନ୍ତ ସୁଗମତାର ସହିତ ପୂର୍ଣ୍ଣ ହୋଇଛି । ଅତଃ ପବିତ୍ର କୁରଆନ୍ କରୀମ୍‌ର ଗୂଢତତ୍ତ୍ୱ ବାସ୍ତବତାର ଏକ ଚିରସ୍ରୋତା ନଦୀ ଏବଂ ଭବିଷ୍ୟବାଣୀର ଏକ ସମୁଦ୍ର ସଦୃଶ ଅଟେ । କୌଣସି ବ୍ୟକ୍ତି ପବିତ୍ର କୁରଆନ୍ କରୀମ୍‌କୁ ବାଦ୍ ଦେଇ ଈଶ୍ୱରଙ୍କ ଉପରେ ବିଶ୍ୱାସ ସ୍ଥାପନ କରିପାରିବ ନାହିଁ । ଏହି ବିଶେଷତା କେବଳ ପବିତ୍ର କୁରଆନ୍ କରୀମରେ ହିଁ ନିହିତ ରହିଛି । ଅର୍ଥାତ ଈଶ୍ୱର ଏବଂ ଭକ୍ତ ମଧ୍ୟରେ ଥିବା ପରଦା ଦୂରୀଭୂତ ହୋଇଯାଇଥାଏ । ପବିତ୍ର କୁରଆନ୍ କରୀମ୍‌ର ଦୁଇଟି ଅଂଶ ରହିଛି । ପ୍ରଥମଟି ଘଟଣାବଳୀ ସମ୍ବଳିତ ଏବଂ ଦ୍ୱିତୀୟଟି ଆଦେଶାବଳୀ ସମ୍ବଳିତ । ପବିତ୍ର କୁରଆନ୍ କରୀମ୍ କେତେକ କଥା ଏବଂ ପ୍ରସଙ୍ଗକୁ ଗଳ୍ପ ତଥା ଘଟଣାବଳୀ ଆକାରରେ ଉପସ୍ଥାପିତ କରୁଥିବା ବେଳେ ଅନ୍ୟ କେତେକ ଆଦେଶାବଳୀକୁ ମାର୍ଗଦର୍ଶକ ରୂପେ ଉପସ୍ଥାପିତ କରିଛି । ଯେଉଁ ଲୋକମାନେ ଉଭୟ ମଧ୍ୟରେ ପାର୍ଥକ୍ୟ କରିପାରନ୍ତି ନାହିଁ ସେମାନେ ପବିତ୍ର କୁରଆନ୍ କରୀମ୍‌ରେ ବିଭିନ୍ନତା, ମତପାର୍ଥକ୍ୟତା କରିବା ପାଇଁ କାରଣ ସାଜନ୍ତି । ଖୁତ୍‌ବା ଅନ୍ତେ ହୁଜୁର ଅନୱର୍ ଅ.ବ କହିଲେ, ପବିତ୍ର କୁରଆନ୍ କରୀମ୍‌ର ଏହି ଚର୍ଚ୍ଚାଟି ବର୍ତ୍ତମାନ ଅବ୍ୟାହତ ରହିଛି ଏହାର ଅବଶିଷ୍ଟାଂଶ ମୁଁ ଆସନ୍ତା ଖୁତ୍‌ବାରେ ବର୍ଣ୍ଣନା କରିବି । **ଇନ୍‌ଶାଅଲ୍ଲାଃ ।**

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ ନସ୍‌ତଈନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ଓ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଈଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜକ୍ କରୁନା ଉୟ୍‌କୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜିକ୍‌ରୁଲ୍ଲାହି ଅକ୍‌ବର୍ ।**

.................................

KHULASA KHUTBA JUMA HUZOOR ANWAR a.b.a
10th Feb. 2023